# Akashvani, Sambalpur

## SAMBALPURI NEWS BULLETIN

### 10 November 2025 – 6.47- 6.52 am.

*********************************************

**କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ ହି.ସ.**

କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍‌ମନ୍ତ୍ରୀ ଶିବ୍‌ରାଜ୍ ସିଂ ଚୌହାନ୍ ଆଏଜ୍ ଓଡ଼ିଶା ଆସୁଛନ୍ । କୃଷକ୍ ମାନ୍‌କର୍ କମାନି ବଢ଼ାବାର୍, ପୋଷଣ୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଆଉ ଜୈବିକ୍ ଚାଷ୍‌କେ ତହଁକାବାର୍ ବାବଦ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ସେ ଭାଗ୍ ନେବେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେବାର୍‌କେ ଥିବା ମଡ଼ିଆ ଦିବସ୍ ଉଦ୍‌ଘାଟନୀ ସଭାଥି ଶ୍ରୀ ଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ଓଡ଼ିଶା ସହେତେ ସବୁ ଦେଶେ ଶ୍ରୀଅନ୍ନ ଉତ୍ପାଦନ୍ ପ୍ରକ୍ରିୟାକରଣ୍ ଆଉ ବେଭାର୍‌କେ ତହଁକାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଚେରେଷ୍ଟା ବାବ୍‌ଦେ ଆଲୋଚନା ହେବା । ବେଲ୍‌ବୁଡ଼େ ଶ୍ରୀ ଚୌହାନ୍ କଟକ୍ ବିଦ୍ୟାଧର୍‌ପୁର୍ କେନ୍ଦ୍ରୀୟ ଧାନ୍ ଗବେଷଣା କେନ୍ଦ୍ର ନ ହେବାର୍‌କେ ଥିବା ବୈଠକ୍‌ଥି ଅଧ୍ୟକ୍ଷତା କର୍‌ବେ । ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା, ଦାଏଲ୍ ଆତ୍ମନିର୍ଭର୍‌ତା ମିଶନ୍ ଆଉ ଜାତୀୟ ଜୈବିକ କୃଷି ଅଭିଯାନ୍‌ର କାର୍ଯ୍ୟକାରିତାର୍ ସମୀକ୍ଷା କର୍‌ବେ ।

ନୂଆପଡ଼ା ଉପ ନିର୍ବାଚନ ଆର୍ଏନ୍ୟୁ/ ସମ୍ବଲପୁର

ନୂଆପଡ଼ା ବିଧାନ୍ସଭା ଉପ ନିର୍ବାଚନ୍ ଲାଗି ଆଏବାକାଏଲ୍ ମତଦାନ୍ ହେବା । ଇଥିର୍ଲାଗି ଗଲାକାଏଲ୍ନୁ ପ୍ରଚାର୍ ଶେଷ୍ ହେଇଛେ । ବିଧାନ୍ସଭା କ୍ଷେତ୍ର ନ ୨ ଲାଖ୍ ୪୮ ହଜାର୍ ୨ ଶହ ୫୬ ଝନ୍ ଭୋଟର୍ ସେମାନ୍କର୍ ମତାଧିକାର୍ ସାବ୍ୟସ୍ତ କର୍ବେ । ଆଏବା କାଏଲ୍ ସଖାଲର୍ ୭ ବଜେନୁ ଉପର୍ବେଲା ୫ ବଜେତକ୍ ଭୋଟ୍ ହେବା । ନକ୍ସଲ୍ ପ୍ରଭାବିତ୍ ୪୭ ଟା ବୁଥ୍ ନ ୪ ବଜେତକ୍ ଭୋଟ୍ ଗ୍ରହଣ୍ କରାଯିବା । ଆଏବା ୧୪ ତାରିଖ୍ ଶୁକ୍ରବାର୍ ଦିନ ଭୋଟ୍ ଗନ୍ତି ହେଇକରି ଫଲାଫଲ୍ ବାହାର୍ବା । ନିର୍ବାଚନ୍ ପ୍ରକ୍ରିୟା ଶାନ୍ତିଶୃଙ୍ଖଲାର୍ ସହେତେ କର୍ବାର୍ ଲାଗି ପ୍ରଶାସନ୍ ତର୍ଫୁ ସବୁ ପ୍ରକାର୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍ନା ଦେଇଛନ୍ ।

(ଭଏସ୍ ଓଭର୍- ଆର୍.ଏସ୍.ଗୋପାଲନ୍)

ସେଆଡ଼େ ନୂଆପଡ଼ା ପୁଲିସ୍ ତର୍ଫୁ କଂଟ୍ରୋଲ୍ ରୁମ୍ ଖୁଲାଯିବାର୍ ସହେତେ ୨ ଟା ମୋବାଇଲ୍ ନମ୍ବର୍ ଜାରି କରାଯାଇଛେ ।

କଟକ୍- କୋଠା ଧସ୍କିବାର୍ ଘଟ୍ନା କଟକ୍ ସମ୍ବାଦଦାତା

କଟକ୍ ବକ୍ସି ବଜାର୍ ଆପାର୍ଟମେଂଟ୍ ବେଲ୍‌କୋନୀ ଧସ୍‌କିବାର୍ ଘଟ୍‌ନାଥି ୩ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୪ ଝନ୍ ଜବର୍ ଜଖମ୍ ହେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘଟ୍‌ନା ଲାଗି ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ମୃତକ୍ ମାନ୍‌କର୍ ପରିବାର୍ ଲୁକ୍‌କୁ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍‌ନା କରିଛନ୍ ।

୧୬ ତାରିଖ୍-ଜାତୀୟ ପ୍ରେସ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ସାମ୍ବାଦିକ କଲ୍ୟାଣ୍ ବୋର୍ଡ଼ ତର୍‌ଫୁ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଆଏବା ୧୬ ତାରିଖ୍ ଦିନ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଲନ୍ କରାଯିବା । ଜାତୀୟ ସାମାଜିକ କଲ୍ୟାଣ୍ ବୋର୍ଡ଼ ଅଧ୍ୟକ୍ଷ ଦୀପକ୍ ମାଲବ୍ୟଙ୍କର୍ ପୌରୋହିତ୍ୟଥି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ଉଚ୍ଚନ୍ୟାୟାଳୟର୍ ବରିଷ୍ଠ ବିଚାର୍‌ପତି, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ, ବିଧାୟକ୍ ପ୍ରଶାସକ୍ ଆଉ ବରିଷ୍ଠ ସାମ୍ବାଦିକ୍  ମାନେ ଯୋଗ୍ ଦେବେ ।

ମଡ଼ିଆ ଦିବସ୍- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁଷ୍ଟିକର ଖାଦ୍ୟ ମଡ଼ିଆର୍ ବେଭାର୍ ଆଉ ପ୍ରଚାର୍ ପ୍ରସାର୍‌କେ ତହଁକାବାର୍ ଲାଗି ୨୦୨୩ ମସିହା ନୁ ନଭେମ୍ବର୍ ୧୦ ତାରିଖ୍ ଦିନ୍‌କେ

ରାଏଜେ ମଡ଼ିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ରାଜ୍ୟ ସର୍କାର୍ଙ୍କର୍ ମିଲେଟ୍ ମିଶନ୍ର ଇଟା ଗୁଟେ ଅଂଶ ଆଏ । ମଡ଼ିଆ ଦିବସ୍ ପାଲନ୍ ଅବ୍ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ମିଲେଟ୍ ଉତ୍ପାଦନ୍ ଆର୍ ବେଭାର୍କାରୀମାନ୍କୁ ତହଁକାବାର୍ ଲାଗି ୨୦୧୭ ମସିହାଥି ରାଏଜେ ମିଲେଟ୍ ମିଶନ୍ ମୁଲ୍ ହେଇଥିଲା ।

ବିଶ୍ୱ ବିଜ୍ଞାନ୍ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଶାନ୍ତି ଆଉ ବିକାଶ୍ ଲାଗି ଆଏଜ୍ ସାରା ପୁର୍ଥି ନ ବିଶ୍ୱ ବିଜ୍ଞାନ୍ ଦିବସ୍ ପାଲନ୍ କରାଯାଉଛେ । ସମାଜ୍ ନ ବିଜ୍ଞାନ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ସହେତେ ଶାନ୍ତି ଆଉ ନିରନ୍ତର୍ ବିକାଶ୍ ଲାଗି ବିଜ୍ଞାନ୍ର ବେଭାର୍ ଉପ୍ରେ ଜୋର୍ ଦିଆଯାଉଛେ । ଫି ଦିନିଆ ଜୀବନ୍ ନ ବିଜ୍ଞାନ୍ର ବେଭାର୍ ଇଡାର୍ ସହେତେ ଲୁକ୍କର୍ ଜୁଡ଼ି ହେବାର୍ଟା ଆଉ ବିଜ୍ଞାନ୍ ଦିଗେ ଜାତୀୟ, ଆନ୍ତର୍ଜାତୀୟ ସ୍ତରର୍ ପ୍ରତିବଦ୍ଧତାକେ ତହଁକାବାର୍ ଲାଗି ୨୦୦୧ ମସିହାନୁ ଆଝିର୍ ଦିନ୍କେ ବିଶ୍ୱ ବିଜ୍ଞାନ୍ ଦିବସ୍ ଭାବେ ପାଲନ୍ କର୍ବାର୍କେ ୟୁନେସ୍କୋ ତର୍ଫୁ ଘୋଷ୍ନା କରାଯାଇଥିଲା ।

ହୀରାକୁଦ୍ ମାଷ୍ଟର୍ ପ୍ଲାନ୍ ସମୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍‌ର ସଚିବ ବଲ୍‌ୱନ୍ତ ସିଂ ଗଲାକାଏଲ୍ ବୁର୍ଲା ଆଉ ହୀରାକୁଦ୍ ନ ହୀରାକୁଦ୍ ମାଷ୍ଟର୍ ପ୍ଲାନ୍ ପ୍ରକଳ୍ପ କାମ୍‌ର୍  ସମୀକ୍ଷା କରିଛନ୍ । ମାଷ୍ଟର୍ ପ୍ଲାନ୍ କାମ୍‌କେ ତୁର୍‌ତି ସାର୍‌ବାର୍‌କେ ଶ୍ରୀ ସିଂ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ପ୍ରକଳ୍ପଥି ହୀରାକୁଦ୍ ନ ବୈଷୟିକ ଶକ୍ତି କେନ୍ଦ୍ର ଆଉ ଖଣି ସଂଗ୍ରହାଳୟ ଖୁଲାଯିବା । ହୀରାକୁଦ୍ ଡେମ୍‌ର ଦୁହି ପ୍ରବେଶ୍‌ପଥ ନ ଆରାଇଭାଲ୍ ପଏଂଟ୍ ହେବା । ସେନ ଏଂଟ୍ରିଗେଟ୍, ପାର୍କିଂ ସୁବିଧା, ଟିକେଟ୍ କାଉଂଟର୍, ଫୁଡ୍‌କୋର୍ଟ ଭିଲ୍ ରହେବା । ଗଲାକାଏଲ୍ ସମୀକ୍ଷା ବେଲେ ଜିଲଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କମିଶନର୍ ରେହାନ୍ କ୍ଷେତ୍ରୀ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜିଲ୍ଲାସ୍ତରୀୟ ଖେଲ୍‌କୁଦ୍ ପ୍ରତିଯୋଗିତା    ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍ ଭିକମ୍‌ପାଲି ଉଚ୍ଚବିଦ୍ୟାଳୟ ଖେଲ୍ ପଡ଼ିଆ ନ ୨ ଦିନିଆ ଜିଲ୍ଲାସ୍ତରୀୟ ଖେଲ୍‌କୁଦ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଲ୍ ତାଣ୍ତିଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ପ୍ରତିଯୋଗିତାଥି ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍‌ନୁ

ଶହେ ୩୦ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । ସେମାନ୍‌କର୍ ଭିତ୍‌ରୁ ସଫଲ୍ ହେଇଥିବା ୨୫ ଝନ୍ ପ୍ରତିଯୋଗୀ ଆଏବା ୧୧ ତାରିଖ୍‌ନୁ ବାଲେଶ୍ୱର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ରାଏଜେ ପାଗ୍ ଶୁଖା ରହେବା । ରାଜ୍ୟର୍ ଭିତ୍‌ରିଆ ଇଲାକା ସହେତେ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେବା ।